# NATIONAL NEWS BULLETIN (ODIA)

## 19 November - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଛତିଶଗଡ଼, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶକୁ ଆସନ୍ତାକାଲିଠାରୁ ରାଷ୍ଟ୍ରପତିଙ୍କର ତିନିଦିନିଆ ଗସ୍ତ ।
- ପି.ଏମ୍. କିଶାନ୍ ନିଧି ଯୋଜନାର ୨୧ତମ କିସ୍ତି ଅର୍ଥ ଆଜି କୋଏମ୍ବାଟୁର୍ ଠାରେ ପ୍ରଦାନ କଲେ ପ୍ରଧାନମନ୍ତ୍ରୀ ।

– ପ୍ରାକୃତିକ ଚାଷ ପଦ୍ଧତି ଆପଣାଇବାକୁ କୃଷକମାନଙ୍କୁ ଦେଲେ ଆହ୍ୱାନ ।

- ବିହାର ଏନ୍.ଡି.ଏ. ସଂସଦୀୟ ଦଳ ନେତା ଭାବେ ନିର୍ବାଚିତ ହେଲେ ଜେ.ଡି.ୟୁ. ମୁଖ୍ୟ ନିତିଶ କୁମାର ।

– ଆସନ୍ତାକାଲି ଦଶମଥର ଲାଗି ମୁଖ୍ୟମନ୍ତ୍ରୀ ଭାବେ ନେବେ ଶପଥ ।

ଏବଂ

- ୧୯ ବର୍ଷରୁ କମ୍ ପୁରୁଷ କ୍ରିକେଟ୍ ବିଶ୍ୱକପ୍ ୨୦୨୬ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଭେଟିବ ଆମେରିକାକୁ ।

# ପିଏମ୍-କିଶାନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାମିଲନାଡୁର କୋଏମ୍ବାଟୁର ଠାରେ ପି.ଏମ୍. କିଶାନ୍ ନିଧି ଯୋଜନାର ୨୧ତମ କିସ୍ତି ଅର୍ଥ ପ୍ରଦାନ କରିଛନ୍ତି । ଏହାଦ୍ୱାରା ଏହି ଯୋଜନାର ହିତାଧିକାରୀ ଭାବେ ୯ କୋଟି କୃଷକଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ୧୮ ହଜାର କୋଟି ଟଙ୍କା ଦିଆଯାଇଛି । ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ କୋଏମ୍ବାଟୁର୍ ଠାରେ କୋଡିସିଆ ବାଣିଜ୍ୟ ମେଳା ପରିସରରେ ଦକ୍ଷିଣ ଭାରତ ପ୍ରାକୃତିକ କୃଷି ସମ୍ମିଳନୀ ୨୦୨୫ର ମଧ୍ୟ ଉଦ୍‌ଘାଟନ କରିଛନ୍ତି ।

ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, କୃଷକମାନଙ୍କର କଲ୍ୟାଣ ଲାଗି ଗତ ୧୧ ବର୍ଷ ମଧ୍ୟରେ ଦେଶର କୃଷି କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଭାରତ ବର୍ତ୍ତମାନ ପ୍ରାକୃତିକ ଚାଷର ଏକ ବିଶ୍ୱସ୍ତରୀୟ ହବ୍‌ରେ ପରିଣତ ହୋଇଛି । ଏହାର ଜୈବ ବିବିଧତା ମଧ୍ୟ ଏକ ନୂତନ ରୂପ ନେଇଛି ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

**V/O-1-PM-NATURAL-FARMING**

ଶ୍ରୀ ମୋଦୀ କହିଛନ୍ତି, କୃଷକମାନଙ୍କ ଆୟ ବୃଦ୍ଧି କରିବା ଏବଂ କୃଷି କାର୍ଯ୍ୟକୁ ଅଧିକ ସୁସଂହତ କରିବା ଉଦ୍ଦେଶ୍ୟରେ ଇତିମଧ୍ୟରେ କୃଷି କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ କରାଯାଇଛି । ଏହାର ଫଳ ସ୍ୱରୂପ କୃଷକମାନଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ସହିତ

କୃଷିଜାତ ଦ୍ରବ୍ୟର ରପ୍ତାନୀ ପରିମାଣ ଦ୍ୱିଗୁଣିତ ହୋଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଜୈବିକ ସାର ଉପରେ ବସ୍ତୁ ଓ ସେବାକର ଜି.ଏସ୍.ଟି. ହ୍ରାସ କରିବା ଦ୍ୱାରା ଏହାର ଉଲ୍ଲେଖନୀୟ ଲାଭ ଚାଷୀମାନଙ୍କୁ ପ୍ରାପ୍ତ ହୋଇଛି । ଏତଦ୍ ବ୍ୟତୀତ କିଶାନ୍ କ୍ରେଡିଟ୍‌କାର୍ଡ୍ ମାଧ୍ୟମରେ ଚାଷୀମାନଙ୍କୁ ୧୦ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O-2-PM-ON-KCC**

ଚାଷୀମାନେ ପ୍ରାକୃତିକ ଉପାୟରେ ଚାଷ ପଦ୍ଧତି ଆପଣାଇବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେବା ସହ ଏକ ବିକଶିତ ଭାରତ ଗଠନ ଲାଗି ଭବିଷ୍ୟତକୁ ଦୃଷ୍ଟିରେ ରଖି କୃଷି କ୍ଷେତ୍ରରେ ସମୟୋପଯୋଗୀ ପଦକ୍ଷେପ ନେବା ଲାଗି ମିଳିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଛନ୍ତି ।

**V/O-3-PM-ON-ONE-ACRE-ONE-SEASON**

ଏହି ସମାରୋହରେ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ୍ ମଧ୍ୟ ଉପସ୍ଥିତ ଥିଲେ ।

# ବିହାର ଏନ୍‌ଡିଏ ମିଟିଂ

ଜନତା ଦଳ ସଂଯୁକ୍ତ – ଜେ.ଡି.ୟୁ. ମୁଖ୍ୟ ନିତିଶ କୁମାର ବିହାରର ଏନ୍.ଡି.ଏ. ସଂସଦୀୟ ଦଳ ନେତା ଭାବେ ଆଜି ନିର୍ବାଚିତ ହୋଇଛନ୍ତି ।

ପାଟନା ଠାରେ ଏନ୍.ଡି.ଏ.ର ଅଂଶିଦାର ଦଳଗୁଡ଼ିକର ନବନିର୍ବାଚିତ ବିଧାୟକଙ୍କର ମିଳିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ଆଜି ସମ୍ରାଟ ଚୌଧୁରୀଙ୍କୁ ବିଜେପି ସଂସଦୀୟ  ଦଳର ନେତା ଏବଂ ବିଜୟ ସିହ୍ନାଙ୍କୁ ଉପ-ନେତା ରୂପେ ନିର୍ବାଚିତ କରାଯାଇସାରିଛି ।

ଆସନ୍ତାକାଲି ନିତିଶ କୁମାର ଦଶମଥର ଲାଗି ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିବେ । ପାଟନାର ଐତିହାସିକ ଗାନ୍ଧି ମଇଦାନରେ ଏହି ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭା ନିର୍ବାଚନରେ ଏନ୍.ଡି.ଏ. ୨୦୨ଟିରେ ବିଜୟ ଲାଭ କରି ପୁନର୍ବାର କ୍ଷମତା ଦଖଲ କରିଛି ।

## ପ୍ରେସିଡେଣ୍ଟ-ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠାରୁ ତିନି ଦିନ ଲାଗି ଛତିଶଗଡ଼, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ଗସ୍ତରେ ଯିବେ । ଛତିଶଗଡ଼ ଗସ୍ତ ଅବସରରେ ରାଷ୍ଟ୍ରପତି ଅମ୍ବିକାପୁରଠାରେ ଜନଜାତୀୟ ଗୌରବ ଦିବସ ସମାରୋହରେ ଯୋଗଦେବେ । ଗସ୍ତର ଦ୍ୱିତୀୟ ଦିନରେ ରାଷ୍ଟ୍ରପତି

ମୁର୍ମୁ ତେଲଙ୍ଗାନାର ସିକନ୍ଦରାବାଦ୍ ସ୍ଥିତ ରାଷ୍ଟ୍ରପତି ନିଲୟମ୍ ଠାରେ ଭାରତୀୟ କଳା ମହୋତ୍ସବ ୨୦୨୫ର ଉଦ୍‌ଘାଟନ କରିବେ । ଭାରତୀୟ କଳା ମହୋତ୍ସବର ଏହି ଦ୍ୱିତୀୟ ସଂସ୍କରଣରେ ଗୁଜରାଟ, ମହାରାଷ୍ଟ୍ର, ରାଜସ୍ଥାନ, ଗୋଆ, ଦାଦରା ଓ ନଗର ହାବେଳି ଏବଂ ଦାମନ୍ ଓ ଡିଉର ସମୃଦ୍ଧ ସାଂସ୍କୃତିକ ବୈଭବ ଓ ପାରମ୍ପରିକ ହସ୍ତଶିଳ୍ପ ଆଦି ସ୍ଥାନ ପାଇବ । ଗସ୍ତର ଶେଷ ପର୍ଯ୍ୟାୟରେ ଶନିବାର ଦିନ ରାଷ୍ଟ୍ରପତି ଆନ୍ଧ୍ରପ୍ରଦେଶର ପୁଟ୍ଟପର୍ତି ସ୍ଥିତ ପ୍ରଶାନ୍ତି ନିଲୟମ୍ ଠାରେ ଶ୍ରୀ ସତ୍ୟସାଇ ବାବାଙ୍କର ଶତବାର୍ଷିକୀ ସମାରୋହ ଅବସରରେ ଆୟୋଜିତ ସ୍ୱତନ୍ତ୍ର ଅଧିବେଶନରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ପ୍ରେସିଡେଣ୍ଟ-୧

ଅନ୍ୟ ପକ୍ଷରେ ରାଷ୍ଟ୍ରପତି ଆଜି ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଏନ୍.ଆଇ.ଟି. ଦିଲ୍ଲୀର ପଞ୍ଚମ ବାର୍ଷିକ ସମାରୋହକୁ ସମ୍ବୋଧନ କରିଛନ୍ତି । ସେ କହିଛନ୍ତି, ସରକାରଙ୍କ ବିଭିନ୍ନ ଜନଭାଗିଦାରୀ ଡିଜିଟାଲ୍ କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ଶକ୍ତି ଓ ଆତ୍ମବିଶ୍ୱାସର ସହିତ ଦେଶ ଏକ ବିକଶିତ ଭାରତ ଦିଗକୁ ଅଗ୍ରସର ହେଉଛି । ଏ ସଂକଳ୍ପ କେବଳ ଆର୍ଥିକ ପ୍ରଗତି ପର୍ଯ୍ୟନ୍ତ ସୀମିତ ହୋଇ ରହିନାହିଁ ବରଂ

ସମାବେଶୀ ବିକାଶ ଓ ପରିବେଶ ସଂରକ୍ଷଣ ମଧ୍ୟ ସୂଚାରୁରୂପେ ହୋଇପାରିଛି ବୋଲି ରାଷ୍ଟ୍ରପତି ମତବ୍ୟକ୍ତ କରିଛନ୍ତି ।

**V/O-4-PRESIDENT-IIT-DELHI**

# ଜୟଶଙ୍କର-ରୁଷ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ମସ୍କୋ ଠାରେ ରୁଷର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ଡେନିସ୍ ମାଣ୍ଟୁରୋଭ୍‌ଙ୍କୁ ଭେଟିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ଆସନ୍ତା ମାସରେ ନୂଆଦିଲ୍ଲୀରେ ହେବାକୁ ଥିବା ଭାରତ-ରୁଷ ବାର୍ଷିକ ନେତୃତ୍ୱ ସମ୍ମିଳନୀ ଲାଗି ପ୍ରସ୍ତୁତିର ଅଗ୍ରଗତି ସମ୍ପର୍କରେ ସେମାନେ ମିଳିତ ଭାବେ ସମୀକ୍ଷା କରିଛନ୍ତି । ଏତଦ୍‌ବ୍ୟତୀତ ଗତବର୍ଷ ଅଗଷ୍ଟ ମାସରେ ଏହି ଦୁଇ ନେତାଙ୍କର ସାକ୍ଷାତ ଆଲୋଚନା ପରେ ଦୁଇ ଦେଶ ମଧ୍ୟରେ ଦ୍ୱିପକ୍ଷିୟ ସମ୍ପର୍କର ଅଗ୍ରଗତିର ମଧ୍ୟ ସମୀକ୍ଷା କରାଯାଇଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

# ଏନ୍‌ଏସ୍‌ଏ-କଲମ୍ବୋ ସିକ୍ୟୁରିଟି କନ୍‌କ୍ଲେଭ୍

କଲମ୍ବୋ ସୁରକ୍ଷା ସମ୍ମିଳନୀର ଜାତୀୟ ସୁରକ୍ଷା ପରାମର୍ଶଦାତା ମାନଙ୍କର ସପ୍ତମ ବୈଠକ ଆସନ୍ତାକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ଏଥିରେ ଭାରତର ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ତାଙ୍କର ମାଲଦୀପ, ମରିସସ୍, ଶ୍ରୀଲଙ୍କା ଓ ବାଂଲାଦେଶ ପ୍ରତିପକ୍ଷଙ୍କ ସହ ଯୋଗଦେବେ । ସିଚେଲ୍ସ ଏହି ସମ୍ମିଳନୀରେ ପର୍ଯ୍ୟବେକ୍ଷକ ରାଷ୍ଟ୍ର ଭାବେ ଯୋଗଦେଉଥିବା ବେଳେ ଅତିଥି ରାଷ୍ଟ୍ର ଭାବେ ମାଲେସିଆ ଅଂଶଗ୍ରହଣ କରିବ । ଭାରତ ମହାସାଗର ଅଞ୍ଚଳରେ ସୁରକ୍ଷା କ୍ଷେତ୍ରରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ସହିତ ଆଞ୍ଚଳିକ ସୁରକ୍ଷା ବୃଦ୍ଧି ଲାଗି ଭାଗିଦାରୀକୁ ଅଧିକ ସଶକ୍ତ କରିବା ଲାଗି କଲମ୍ବୋ ସୁରକ୍ଷା ସମ୍ମିଳନୀ ଗଠନ କରାଯାଇଥିଲା । ଆସନ୍ତାକାଲି ଏହି ସମ୍ମିଳନୀରେ ସାମୁଦ୍ରିକ ସୁରକ୍ଷା, ସନ୍ତ୍ରାସବାଦ କାର୍ଯ୍ୟ ଓ ସଂଗଠିତ ଅପରାଧକୁ ପ୍ରତିହତ କରିବା, ସାଇବର ସୁରକ୍ଷା, ବିପର୍ଯ୍ୟୟ ସମୟରେ ମାନବୀୟ ସହାୟତା ଓ ରିଲିଫ୍ ସମେତ ୨୦୨୬ ବର୍ଷ ଲାଗି ରୋଡ୍ ମ୍ୟାପ୍ ଓ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ଉପରେ ଆଲୋଚନା କରାଯିବାର କାର୍ଯ୍ୟସୂଚୀ ରହିଛି ।

# ଡ୍ରୋନ୍ ଆଟାକ୍

ରୁଷ ପକ୍ଷରୁ ଗତ ମଧ୍ୟରାତ୍ରିରୁ ହୋଇଥିବା ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣରେ ୟୁକ୍ରେନ୍‌ର ପ୍ରାୟ ୧୦ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହେବା ସହିତ ଅନେକ ଆହତ ହୋଇଛନ୍ତି । ୟୁକ୍ରେନ୍‌ର ଟେର୍ଣ୍ଣୋପିଲ୍ ସ୍ଥିତ ଦୁଇଟି ୯ ମହଲା ବିଶିଷ୍ଟ ଅଟ୍ଟାଳିକା ଉପରେ ଏହି କ୍ଷେପଣାସ୍ତ୍ର ମାଡ଼ ହେବା ଦ୍ୱାରା ଅନେକ ଶିଶୁଙ୍କ ସମେତ ପ୍ରାୟ ୩୭ ଜଣ ଆହତ ହୋଇଛନ୍ତି ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି ।

ଅନ୍ୟ ପକ୍ଷରେ ଇସ୍ରାଏଲ୍‌ର ଡ୍ରୋନ୍ ଆକ୍ରମଣ ଫଳରେ ଲେବାନନ୍‌ର ଦକ୍ଷିଣାଞ୍ଚଳରେ ଥିବା ପାଲେଷ୍ଟାଇନ୍ ସରଣାର୍ଥୀ କ୍ୟାମ୍ପ୍‌ରେ ଥିବା ପ୍ରାୟ ୧୩ ଜଣଙ୍କର ମୃତ୍ୟୁ ହୋଇଛି । ଲେବାନନ୍ ଜାତୀୟ ଗଣମାଧ୍ୟମ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ସ୍ଥାନୀୟ ଏକ ମସ୍‌ଜିଦ୍ ନିକଟରେ ରହିଥିବା ଏକ କାର୍ ଉପରେ ଏହି ଡ୍ରୋନ୍‌ଟି ପଡ଼ିଥିଲା । ତେବେ ହମାସ୍‌ର ତାଲିମ୍ ଶିବିର ଉପରକୁ ଲକ୍ଷ୍ୟ କରି ଆକ୍ରମଣ କରାଯାଇଥିଲା ବୋଲି ଇସ୍ରାଏଲ୍ ସେନା ପକ୍ଷରୁ କୁହାଯାଇଛି ।

# ଅଣ୍ଡରନାଇନ୍ ଓ୍ୱାର୍ଲ୍ଡକପ୍

୧୯ ବର୍ଷରୁ କମ୍ ପୁରୁଷ କ୍ରିକେଟ୍ ବିଶ୍ୱକପ୍ ୨୦୨୬ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଯୁକ୍ତରାଷ୍ଟ୍ର ଆମେରିକାକୁ ଭେଟିବ । ଆସନ୍ତା ବର୍ଷ ଜାନୁଆରୀ ୧୫ରୁ ଫେବୃୟାରୀ ୬ ପର୍ଯ୍ୟନ୍ତ ଜିମ୍ବାୱେ ଓ ନାମିବିୟାରେ ଅନୁଷ୍ଠିତ ହେବାକୁ ଥିବା ଏହି ବିଶ୍ୱକପ୍‌ରେ ମୋଟ୍ ୧୬ଟି ଦଳ ଭାଗ ନେଉଛନ୍ତି । ଏହି ଦଳଗୁଡ଼ିକୁ ଚାରୋଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଭାରତ’ ଯୁକ୍ତରାଷ୍ଟ୍ର ଆମେରିକା, ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ସହିତ ଗ୍ରୁପ୍-ଏ’ରେ ସ୍ଥାନ ପାଇଛି । ପ୍ରତ୍ୟେକ ଗ୍ରୁପ୍‌ର ସର୍ବୋଚ୍ଚ ପଏଣ୍ଟ ପାଇଥିବା ତିନୋଟି ଦଳ ସୁପର୍ ସିକ୍ସ ପର୍ଯ୍ୟାୟକୁ ଉନ୍ନିତ ହେବେ । ଏହି ପର୍ଯ୍ୟାୟରୁ ଯୋଗ୍ୟ ବିବେଚିତ ୪ଟି ଦଳ ସେମିଫାଇନାଲ୍‌କୁ ଏବଂ ୨ଟି ଦଳ ଫାଇନାଲ୍ ଖେଳିବେ ।